## ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ପୋକ୍ସୋ କୋର୍ଟ ଉଦ୍‌ଘାଟିତ

**ବ୍ରହ୍ମପୁର ଅଫିସ :** ବ୍ରହ୍ମପୁରରେ ଗୁରୁବାର ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ପୋକ୍ସୋ କୋର୍ଟ ଉଦ୍‌ଘାଟିତ ହୋଇଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍.ମୁରଲୀଧର ଭର୍ଚୁଆଲରେ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଜିଲା ଜଜ୍ ଶଶିକାନ୍ତ ମିଶ୍ରଙ୍କ ସମେତ ଅନ୍ୟ ବିଚାରପତିମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓକିଲ ସଂଘ ସଭାପତି ଜନାର୍ଦ୍ଦନ ସୁବୁଦ୍ଧି, ସମ୍ପାଦକ ପ୍ରଦୀପ କୁମାର ବେହେରା, ଉପସଭାପତି ବି. ଭାଗୀରଥି ରାଓ, ଯୁଗ୍ମସମ୍ପାଦକ ସୁଧୀର ପାତ୍ରଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ବିଚାରପତି ଗୁରୁପ୍ରସାଦ ସାହୁଙ୍କୁ ଏହି ନୂତନ କୋର୍ଟରେ ବିଚାରପତି ଭାବେ ନିଯୁକ୍ତ କରାଯାଇଛି। ପୋକ୍ସୋ ମାମଲାର ତୁରନ୍ତ ଫଇସଲା ପାଇଁ ଏହି କୋର୍ଟ ଆରମ୍ଭ କରାଯାଇଛି। ପୂର୍ବରୁ ବ୍ରହ୍ମପୁରରେ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ କାର୍ଯ୍ୟକ୍ଷମ ରହିଛି।

# ବିସିସି ବ୍ୟାଙ୍କ ଖରିଫ କୃଷି ଋଣ ଦେବ ୨୫୦ କୋଟି

■ସରକାରୀ ଟାର୍ଗେଟଠାରୁ ଅଧିକ ୨୦ କୋଟି ଲକ୍ଷ୍ୟ
■ଜୁନ୍ ୩୦ ସୁଦ୍ଧା ଚାଷୀଙ୍କୁ ୧୩୭.୨୩ କୋଟି ଲଗାଣ ହୋଇଛି

**ବ୍ରହ୍ମପୁର ଅଫିସ,୧୭**

ଚଳିତ ବର୍ଷର ଖରିଫ ଧାନ ଫସଲ ପାଇଁ ବିସିସି (ବ୍ରହ୍ମପୁର ସମବାୟ କେନ୍ଦ୍ର) ବ୍ୟାଙ୍କ ଗଞ୍ଜାମ ଓ ଗଜପତି ଜିଲା ଚାଷୀଙ୍କୁ ୨୫୦ କୋଟି ଟଙ୍କା କୃଷି ଋଣ ଲଗାଣ କରିବ। ସରକାର ଓ ରାଜ୍ୟ ସମବାୟ ବ୍ୟାଙ୍କ ଏହି ଟାର୍ଗେଟ ଦେଇଥିବା ବେଳେ ବ୍ୟାଙ୍କ ଲକ୍ଷ୍ୟ ରଖିଛି ୨୭୦ କୋଟି। ଗତ ଏପ୍ରିଲ ଆରମ୍ଭରୁ କୃଷି ଋଣ ଦିଆଯାଉଛି। ଜୁନ ୩୦ ସୁଦ୍ଧା ପ୍ରଥମ ୩ ମାସରେ ୧୩୭ କୋଟି ୨୩ ଲକ୍ଷ ୪୦ ହଜାର ଟଙ୍କା ସମୁଦାୟ ୩୯ ହଜାର ୭୧୫ ଚାଷୀଙ୍କୁ ଋଣ ଦିଆଯାଇଥିବା ବ୍ୟାଙ୍କ ସୂତ୍ରରୁ ଜଣାପଡ଼ିଛି।

ଗଞ୍ଜାମ ଜିଲା ଦିଗପହଣ୍ଡି, ଚିକିଟି, ପାତ୍ରପୁର, ରଙ୍ଗେଇଲୁଣ୍ଡା, ବିଜିପୁର, କୁକୁଡ଼ାଖଣ୍ଡି, ସମରଝୋଳ, ହିଞ୍ଜିଳିକାଟୁ, ପୁରୁଷୋତ୍ତମପୁର, ଛତ୍ରପୁର, ରମ୍ଭା, ଖଲ୍ଲିକୋଟ ଓ ବେଗୁନିଆପଡ଼ା ବ୍ୟାଙ୍କ ଶାଖା ପକ୍ଷରୁ ସମ୍ପୃକ୍ତ ୧୩ ଅଞ୍ଚଳର ୩୬ ହଜାର ୧୬ ଚାଷୀଙ୍କୁ ୧୨୧ କୋଟି ୪୮ ଲକ୍ଷ ୪୧ ହଜାର ଟଙ୍କା କୃଷି ଋଣ ଦିଆଯାଇଛି। ସେହିପରି ଗଜପତି ଜିଲା କାଶୀନଗର, ପାରଳାଖେମୁଣ୍ଡି, ଗାରାବନ୍ଧ ଓ ଆର.ଉଦୟଗିରି ଶାଖା ବ୍ୟାଙ୍କ ମାଧ୍ୟମରେ ୩୬୯୯ ଚାଷୀଙ୍କୁ ଜୁନ ଶେଷ ସୁଦ୍ଧା ୧୫ କୋଟି ୭୪ ଲକ୍ଷ ୯୯ ହଜାର ଟଙ୍କା ଋଣ ଲଗାଣ କରାଯାଇଛି।

ଗଜପତି ଓ ଗଞ୍ଜାମ ଦୁଇ ଜିଲାର ୨୫୭ ସମବାୟ ସୋସାଇଟି ଓ ଲ୍ୟାମ୍ପସ ଜରିଆରେ ପଞ୍ଜୀକୃତ ଚାଷୀମାନଙ୍କୁ କୃଷି ଋଣ ଲଗାଣ ବ୍ୟବସ୍ଥା ରହିଛି। ଖରିଫ ଚାଷ ପାଇଁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଋଣ ଦିଆଯିବ। ଗଞ୍ଜାମର ୧୩ ଶାଖା ବ୍ୟାଙ୍କ ଦ୍ୱାରା ୨୦୪ ଏବଂ ଗଜପତି ଜିଲାର ୪ ଶାଖା ବ୍ୟାଙ୍କ ଜରିଆରେ ୪୬ କୋଟି ଟଙ୍କା କୃଷି ଋଣ ଲଗାଣ ପାଇଁ ସରକାର ଟାର୍ଗେଟ ଦେଇଛନ୍ତି। ତେବେ ଦୁଇ ଜିଲାରେ ୨୭୦ କୋଟି ଟଙ୍କା କୃଷି ଋଣ ଲଗାଣ ନିମନ୍ତେ ବିସିସି ବ୍ୟାଙ୍କ ଲକ୍ଷ୍ୟ ରଖିଛି। ରାଜ୍ୟ ସରକାର କୃଷି ଓ କୃଷକ କଲ୍ୟାଣକୁ ସର୍ବାଧିକ ଗୁରୁତ୍ୱ ଦେଉଥିବାରୁ ଚଳିତ ବର୍ଷ ଖରିଫ ଧାନ ଫସଲ ଉତ୍ପାଦନ ବୃଦ୍ଧି ନିମନ୍ତେ କୃଷି ଋଣ ଲଗାଣକୁ ବ୍ୟାପକ ପାଇଁ ଏହି ସମବାୟ ବ୍ୟାଙ୍କ ଯୋଜନା ପ୍ରସ୍ତୁତ କରିଛି।

ଅପରପକ୍ଷରେ ଚଳିତ ବର୍ଷ ଗଞ୍ଜାମ ଜିଲାରେ ପ୍ରାୟ ୨ ଲକ୍ଷ ହେକ୍ଟର ଜମିରେ ଖରିଫ ଧାନ ଚାଷ କରାଯିବାର ପ୍ରସ୍ତାବ ରଖାଯାଇଛି। ଦୁଇଦିନ ତଳେ ଅନୁଷ୍ଠିତ ଜିଲା କୃଷି ନୀତି ନିର୍ଦ୍ଧାରଣ ବୈଠକର ବିବରଣୀରୁ ଏହା ଜଣାପଡ଼ିଛି। ତେବେ ମୌସୁମୀ ଆରମ୍ଭ ହୋଇଥିଲେ ମଧ୍ୟ ଆବଶ୍ୟକ ମୁତାବକ ବର୍ଷା ହୋଇ ନ ଥିବାରୁ ଅନେକ ଅଞ୍ଚଳରେ ତଳି ପୋଡ଼ି ଓ ଗଜା ମରୁଡ଼ି ହୋଇଥିବା ଚାଷୀ ଓ ସମ୍ପୃକ୍ତ ସଂଗଠନ ନେତାଙ୍କ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ଡାକ୍ତରଙ୍କୁ ସମ୍ମାନିତ କଲା ଭାଜପା



**ଜି.ଉଦୟଗିରି,୧୭(ଡି.ଏନ.ଏ.):** କରୋନା ଯୁଦ୍ଧ ସମ୍ମୁଖରେ ରହୁଥିବା ଡାକ୍ତରଙ୍କ ବଳିଦାନକୁ ମାନବ ସମାଜ ସବୁବେଳେ ମନେ ରଖିବ। ତାଙ୍କର ଏହି ନିଃସ୍ୱାର୍ଥପର ସେବା ପାଇଁ ବିଶ୍ୱ ଡାକ୍ତର ଦିବସରେ ଜି.ଉଦୟଗିରି ନଗର ଭାଜପା ତରଫରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ମାନଙ୍କ ସହିତ ଅବସର ଗ୍ରହଣ କରିଥିବା ସ୍ଥାନୀୟ ଡାକ୍ତର ଖ୍ରୀଷ୍ଟ ଚରଣ ପ୍ରଧାନଙ୍କୁ ମଧ ସମ୍ମାନିତ କରାଯାଇଛି। ନଗର ସଭାପତି ଉଦେସନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମନୋଜ ମହାପାତ୍ର, ପ୍ରଶାନ୍ତ ବଗର୍ତ୍ତୀ, ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

**ବାଲିଗୁଡା,୧୭(ଡି.ଏନ୍.ଏ.):** ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କୋଟଗଡ ବ୍ଲକ ନୂଆଗାଁ ଗ୍ରାମ ନିକଟରେ ଏକ ବାଇକ୍ ସହ ମାଲବାହୀ ଟ୍ରକର ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବାଇକ୍ ଚାଳକ ବୃନ୍ଦାବନ ଜାନୀଙ୍କ ମୃତ୍ୟୁ ଘଟିଛି। ବୃନ୍ଦାବନ ଝିଅ ବାହାଘର ତିଥି ନିର୍ଣ୍ଣୟ କରିବାକୁ ଶଢୁଙ୍କ ସହ ଦୁଇଟି ବାଇକ୍‌ରେ ଯାଉଥିଲେ। କୋଟଗଡ ନୂଆଗାଁ ନିକଟରେ ହଠାତ ଏକ ମାଲବାହୀ ଟ୍ରକ ମାଡିଆସି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ବୃନ୍ଦାବନଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣାଗ୍ରସ୍ତ ବାଇକ୍‌ଟି ଟ୍ରକରେ ଲାଗି ପ୍ରାୟ ୩ କିମି ଦୂର ଗୋଷାଡି ହୋଇଯାଇ ଥିବା ବେଳେ ଚାଳକ ଫେରାର ହୋଇଯାଇଛନ୍ତି।

### ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

**ଶେରଗଡ଼,୧୭(ଡି.ଏନ୍.ଏ.):** ଶେରଗଡ଼ ବ୍ଲକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟକର୍ତ୍ତାଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଭାପତି ବିଷ୍ଣୁ ଚରଣ ତ୍ରିପାଠୀ ଅଧକ୍ଷତା କରିଥିଲେ। ପୂର୍ବ ବିବରଣୀ ପାଠ ପରେ ସଂଘର ଦିବଂଗତ ସଭ୍ୟ ବୈଦ୍ୟନାଥ ମିଶ୍ର, ଗୋବର୍ଦ୍ଧନ ଦାଶ, ବି. କେଶବ ରାଓ ଓ ପୂର୍ବତନ ବ୍ଲକ ଅଧକ୍ଷ ବାବୁଲା କୁମାର ଚୌଧୁରୀଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇଥିଲା। ୨୦୨୦ ଜାନୁୟାରୀ ପହିଲାରୁ ରାଜ୍ୟ ସରକାର ମହଙ୍ଗା ଭତ୍ତା ନ ଦେବା ଯୋଗୁ ଅବସରପ୍ରାପ୍ତ କର୍ମଚାରୀଙ୍କ ବହୁ ଅସୁବିଧା ହେଉଛି ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏ ଦିଗରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସଂଘର ସାଧାରଣ ସମ୍ପାଦକ ଦିଲୀପ କୁମାର ତ୍ରିପାଠୀ, ଉପସଭାପତି କୋରା ପାଢ଼ୀ, କାର୍ଯ୍ୟକାରୀ ସଭାପତି କାଳୁ ସ୍ୱାଇଁ, କୋଷାଧକ୍ଷ ସୁବାସ ଚନ୍ଦ୍ର ପାତ୍ର, ଭାସ୍କର ପ୍ରଧାନ, ସୀମାଞ୍ଚଳ ମହାପାତ୍ର, ଭାସ୍କର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ପୋଲସରାରେ ଜେଏମ୍ଏଫ୍‌ସି କୋର୍ଟ ପ୍ରତିଷ୍ଠା

**ପୋଲସରା,୧୭(ଡି.ଏନ୍.ଏ.):** ପୋଲସରା ସହରରେ ଗୁରୁବାର ସିଭିଲ୍ ଜଜ୍ ସହ ଜେଏମ୍ଏଫ୍‌ସି କୋର୍ଟ ଉଦ୍‌ଘାଟିତ ହୋଇଯାଇଛି। ଡିଷ୍ଟ୍ରିକ୍ଟ କୋର୍ଟ ରେଜିଷ୍ଟ୍ରାର ଏବଂ କୋଦଳା ଏଡିଜେଙ୍କ ଉପସ୍ଥିତିରେ ହାଇକୋର୍ଟ ମୁଖ୍ୟ ବିଚାରପତି ଭର୍ଚୁଆଲରେ ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀକାନ୍ତ ସାହୁ, ବିଡିଓ ସୁରଞ୍ଜନ ସାହୁ, ତହସିଲଦାର ଦିଲ୍ଲୀପ କୁମାର ନାୟକ, ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ଥାନାଧିକାରୀ ଜିତେନ୍ଦ୍ର ମଲ୍ଲିକ, ପୋଲସରା ଓକିଲ ସଂଘ ସଭାପତି ସୁଶାନ୍ତ କୁମାର ସାହୁ, ସମ୍ପାଦକ ବ୍ରଜବନ୍ଧୁ ସାହୁଙ୍କ ସମେତ ଓକିଲମାନେ ଉପସ୍ଥିତ ଥିଲେ।

### ସଚେତନତା କାର୍ଯ୍ୟକ୍ରମ

**ପାରଳାଖେମୁଣ୍ଡି,୧୭(ଡି.ଏନ୍.ଏ.):** କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନ ନେହେରୁ ଯୁବ କେନ୍ଦ୍ର ଏବଂ ୟୁନିସେଫ୍‌ର ମିଳିତ ଆନୁକୂଲ୍ୟରେ ଭର୍ଚୁଆଲରେ ବନ ମହୋତ୍ସବ ସପ୍ତାହ ଉଦ୍‌ଘାଟନ ସହ କରୋନା ସଚେତନତା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସାରା ଶର୍ମା (ଆଇପିଏସ୍), ସଂଗ୍ରାମ କେଶରୀ ବେହେରା, ଗଜପତି ଡିଏଫ୍‌ଓ ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ ନେହେରୁ ଯୁବ କେନ୍ଦ୍ରର ଆଞ୍ଚଳିକ ନିର୍ଦ୍ଦେଶକ ନବୀନ କୁମାର ନାୟକ, ରାଜ୍ୟ ନିର୍ଦ୍ଦେଶକା ରିତା ଭଗତ, ଉପନିର୍ଦ୍ଦେଶକ ବିମଳ ପାତ୍ରିକ ସାହା ପ୍ରମୁଖ ଯୋଗ ଦେଇଥିଲେ।

# ବନ ସୁରକ୍ଷା ସମିତିକୁ ପୁରସ୍କାର ରାଶି ପ୍ରଦାନ

## ବ୍ରହ୍ମପୁର ବନଖଣ୍ଡର ବନ ମହୋତ୍ସବ



ଅତିଥିଙ୍କ ଦ୍ୱାରା ପୁରସ୍କାର ରାଶି ପ୍ରଦାନ।

**ବ୍ରହ୍ମପୁର ଅଫିସ,୧୭**

ବ୍ରହ୍ମପୁର ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ଗୁରୁବାର ୭୨ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଓ ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତିଭାସନ୍ ଯୋଗ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ଚାରା ବଣ୍ଟନ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ଏହି ଅବସରରେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଅମ୍ଲାନ୍ ନାୟକଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ଉତ୍ସବ ପାଳିତ ହୋଇଥିଲା। ଏଥିରେ ବିଜୁ ପଟ୍ଟନାୟକ ଜଙ୍ଗଲ ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ ଭଞ୍ଜନଗର ଉପଖଣ୍ଡ ପାଇଁ ହଜପଲି ବନ ସୁରକ୍ଷା ସମିତି, ଛତ୍ରପୁର ବନଖଣ୍ଡ ନିମନ୍ତେ କମାର ସିଂ ବନ ସୁରକ୍ଷା ସମିତି ଓ ବ୍ରହ୍ମପୁର ବନଖଣ୍ଡ ନିମନ୍ତେ ଜିନିଗୁଡ଼ା ବନ ସୁରକ୍ଷା ସମିତିକୁ ଏମ୍‌ପିଙ୍କ ଦ୍ୱାରା ୨୦ ହଜାର ଟଙ୍କା ଲେଖାଏ ପୁରସ୍କାର ରାଶି ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସହକାରୀ ବନ ସଂରକ୍ଷକ ଅଶୋକ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ପର୍ଯ୍ୟଟନ ସଚିବ ଓ ନିର୍ଦ୍ଦେଶକଙ୍କ ଉନ୍ନୟନ କାର୍ଯ୍ୟ ସମୀକ୍ଷା



ପୋତାଗଡ଼ ପରିଦର୍ଶନ କରୁଛନ୍ତି ପର୍ଯ୍ୟଟନ ସଚିବ, ଜିଲାପାଳ ଓ ଅନ୍ୟ ଅଧିକାରୀ।

**ଗଞ୍ଜାମ,(ଡି.ଏନ୍.ଏ.)/ ଗୋପାଳପୁର,୧୭:**

ଗଞ୍ଜାମ ଜିଲାକୁ ଅଧିକରୁ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ନିମନ୍ତେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଉନ୍ନୟନମୂଳକ କାର୍ଯ୍ୟ ଚାଲୁ ରହିଛି। କରୋନା ଲାଗି ବନ୍ଦ ଥିବା ଗଞ୍ଜାମ ସହର ସ୍ଥିତ ଐତିହାସିକ ପୋତାଗଡ଼ ପୁନଃଉଦ୍ଧାର କାର୍ଯ୍ୟ ପୁଣି ଆରମ୍ଭ ହୋଇଛି। ସେହିପରି ସୁନପୁର ଓ ଗୋପାଳପୁର ବେଳାଭୂମିରେ ଉନ୍ନୟନ କାର୍ଯ୍ୟ ଚାଲିଛି। ଗୁରୁବାର ପର୍ଯ୍ୟଟନ ଓ କ୍ରୀଡ଼ା ବିଭାଗ ସଚିବ, ପର୍ଯ୍ୟଟନ ନିର୍ଦ୍ଦେଶକ ଉନ୍ନୟନମୂଳକ କାର୍ଯ୍ୟ ଅନୁଧ୍ୟାନ କରିବା ସହ ଅତିରିକ୍ତ ପ୍ରକଳ୍ପ କାର୍ଯ୍ୟ ପାଇଁ ସମୀକ୍ଷା କରିଛନ୍ତି। ପର୍ଯ୍ୟଟନ ଓ କ୍ରୀଡ଼ା ବିଭାଗ ସଚିବ ବିଶାଲ ଦେବ, ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତିଭାସନ ସୋନପୁର ବେଳାଭୂମି ପରିଦର୍ଶନ କରିଥିଲେ। ଆଗାମୀ ଦିନରେ ଖୁବ୍‌ଶୀଘ୍ର ବେଳାଭୂମିର ଉନ୍ନତୀକରଣ ନିମନ୍ତେ ନୂତନ ପ୍ରକଳ୍ପ ହାତକୁ ନିଆଯିବ ବୋଲି ସୂଚନା ମିଳିଛି। ସେଠାରୁ ବାହାରି ଗୋପାଳପୁର ବେଳାଭୂମି ପରିଦର୍ଶନ କରିଥିଲେ। ପର୍ଯ୍ୟଟନ ବିଭାଗ ପକ୍ଷରୁ ଜାରି ରହିଥିବା ବେଳାଭୂମି ସୌନ୍ଦର୍ଯ୍ୟକରଣ ଓ ଅନ୍ୟ ପ୍ରକଳ୍ପର ସମୀକ୍ଷା କରିଥିଲେ। ସେହିପରି ସଚିବ ପୋତାଗଡ଼ ପରିଦର୍ଶନ କରି ବିଭିନ୍ନ ଦିଗ ତର୍ଜମା କରିଥିଲେ। ଖୁବଶୀଘ୍ର ପୋତାଗଡ଼ ମୁଖ୍ୟ ପ୍ରବେଶ ପଥ କାର୍ଯ୍ୟ ଆରମ୍ଭ ହେବା ନେଇ ଆଲୋଚନା ହୋଇଥିଲା। ଏଥିସହ ଋଷିକୁଲ୍ୟା ନଦୀରୁ ପାଣି ଅଣାଯାଇ ନୌକା ବିହାର ଏବଂ ବୋଟିଂ କ୍ଲବ, ଫୁଡ ପ୍ଲାଜା ଆଦି ନିର୍ମାଣ କରାଯିବ। ଏଥିପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇ ସାରିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ରାସ୍ତା କଡ଼ରେ ଲାଗିଲା ବିଭିନ୍ନ ଚାରା

**ଦାରିଙ୍ଗବାଡ଼ି,୧୭(ଡି.ଏନ୍.ଏ)**

ଦାରିଙ୍ଗବାଡ଼ି ବନାଞ୍ଚଳର ବିଭିନ୍ନ ସ୍ଥାନରେ ଗୁରୁବାର ବନ ମହୋତ୍ସବ ପାଳନ କରାଯାଇଛି । ପ୍ରଥମ ଦିନ ସିମନବାଡ଼ି ପଞ୍ଚାୟତ ଲାରିବାଡ଼ି, ଡକରବାଡ଼ି ଯିବା ରାସ୍ତା କଡ଼ରେ ମୂଲ୍ୟବାନ୍ ଚାରାରୋପଣ କରାଯାଇଛି । ଦାରିଙ୍ଗବାଡ଼ି ତହସିଲଦାର କଳାକୃଷ୍ଣ ପ୍ରଧାନ, ସିମନବାଡ଼ି ସରପଞ୍ଚ ଅମିତା ପ୍ରଧାନ, ସମିତିସଭ୍ୟା ରୁନି ମୁଖୀ, ବ୍ୟାଙ୍କ ଶାଖା ପରିଚାଳକ ବୀରେନ ପ୍ରଧାନ ପ୍ରମୁଖ ଯୋଗ ଦେଇ ଚାରାରୋପଣ କରିଥିଲେ। ବନାଞ୍ଚଳ ଅଧିକାରୀ ସତିଶ କୁମାର ଧରୁଆଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଅନୁସୂଚିତ ଜନଜାତି ଲୋକଙ୍କୁ ଜଙ୍ଗଲ ସୁରକ୍ଷା ସମ୍ପର୍କରେ ସଚେତନ କରାଯିବା ସହ ଚାରାରୋପଣ ହୋଇଥିଲା। ରାଇକିଆ–ସିମନବାଡ଼ି ମୁଖ୍ୟ ରାସ୍ତାଠାରୁ ଲାରିବାଡ଼ି ଦେଇ ଡକରବାଡ଼ି ସଂଯୋଗୀକରଣ ରାସ୍ତାର ଦୁଇପାର୍ଶ୍ୱରେ ମୂଲ୍ୟବାନ୍ ଚାରାରୋପଣ କରାଯାଇଛି । ବନପାଳ ରବିମୋହନ ନାୟକ, ହରିଶ ଚନ୍ଦ୍ର ପ୍ରଧାନ, ପ୍ରସନ୍ନ କୁମାର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଦାରିଙ୍ଗବାଡ଼ି ପ୍ରଥମଶ୍ରେଣୀ ବିଚାର ବିଭାଗ ପରିସର ସମେତ ଫରେଷ୍ଟ ପାର୍କ, ବିଭିନ୍ନ ଶିକ୍ଷା ଅନୁଷ୍ଠାନ, ତହସିଲ, ଥାନା, ବ୍ଲକ କାର୍ଯ୍ୟାଳୟ ସମେତ ଜଙ୍ଗଲରେ ଚାରାରୋପଣ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

## ଟ୍ୟୁଶନ୍ ପିଲାଙ୍କୁ ଅଧିକ ମାର୍କ ଦେଇଥିବା ଶିକ୍ଷକଙ୍କୁ ବଦଳି ଦାବି

**ବୁଗୁଡ଼ା,୧୭(ଡି.ଏନ.ଏ.):**

ଘରୋଇ ଟ୍ୟୁସନ୍ କରୁଥିବା ଛାତ୍ରୀଛାତ୍ରଙ୍କୁ ଅଧିକ ମାର୍କ ଦିଆଯାଇଥିବା ବେଳେ ଟ୍ୟୁସନ୍ ଆସୁନଥିବା ପିଲାଙ୍କୁ ଜାଣିଶୁଣି କମ୍ ମାର୍କ ଦିଆଯାଇଥିବା ଅଭିଯୋଗ ହୋଇଥିଲା। ମଙ୍ଗଳବାର ଗୋଳିଆ ଶ୍ରୀକାନ୍ତ ସ୍ୱାମୀ ତପୋବନ ନୋଡାଲ୍ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ବିଦ୍ୟାଳୟରେ ରଖି ତାଲା ପକାଇଥିଲେ। ବିଦ୍ୟାଳୟର ଜନୈକ ସହକାରୀ ଶିକ୍ଷକ ନିଜ ଟ୍ୟୁସନ ପିଲାଙ୍କୁ ଅଧିକ ମାର୍କ ଦେଇ ଅନ୍ୟ ପିଲାଙ୍କୁ କମ୍ ମାର୍କ ଦେଇଥିବା ଅଭିଯୋଗ କରି ଗୁରୁବାର ଅଭିଭାବକମାନେ ସହକାରୀ ଶିକ୍ଷକ ଶଙ୍କର ଜେନାଙ୍କ ବଦଳି ପାଇଁ ବିଇଓ ପ୍ରସନ୍ନ କୁମାର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପୂର୍ବରୁ ଅଭିଭାବକମାନେ ଦୁଇ ଥର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା। ସମ୍ପୃକ୍ତ ଶିକ୍ଷକଙ୍କ ବଦଳି ନ ହେଲେ ଅଭିଭାବକମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଜଙ୍ଗଲରୁ ଗଛ କାଟିଥିବା ବ୍ୟକ୍ତିଙ୍କୁ ଗିରଫ ଦାବି

**ଭଞ୍ଜନଗର,୧୭(ଡି.ଏନ୍.ଏ)**

ଜଗନ୍ନାଥପ୍ରସାଦ ବ୍ଲକ ଡିମିରିପଲ୍ଲୀ ଗ୍ରାମର କିଛି ଜମିକୁ ନେଇ ଆଦିବାସୀ ଏବଂ ୨ଜଣ ବ୍ୟକ୍ତିଙ୍କ ମଧ୍ୟରେ ବହୁଦିନ ହେବ ବିବାଦ ଲାଗିରହିଛି । ଏଭଳି ପରିସ୍ଥିତିରେ କିଛିଦିନ ପୂର୍ବେ ଉକ୍ତ ଜମିରୁ ଜମିର ମାଲିକ ବୋଲାଉଥିବା ୨ଜଣ ବ୍ୟକ୍ତି କୌଣସି କାରଣରୁ ବହୁ ଗଛ କାଟି ଦେଇଥିଲେ, ଯାହାକୁ ନେଇ ଆଦିବାସୀ ଏବଂ ସମ୍ପୃକ୍ତ ବ୍ୟକ୍ତିଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଛି। ଗୁରୁବାର ଆଦିବାସୀ ଭାରତ ମହାସଭାର କର୍ମକର୍ତ୍ତାମାନେ ଭଞ୍ଜନଗର ଉପଜିଲାପାଳ ଏବଂ ଉତ୍ତର ଘୁମୁସର ବନଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାପରେ ଉପଜିଲାପାଳ ଏବଂ ଡିଏଫ୍‌ଓଙ୍କ ଉଦ୍ଦେଶ୍ୟରେ ମହାସଭା ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜମି ମାଫିଆମାନେ ବେନିୟମ ଭାବେ ହଜାର ହଜାର ମୂଲ୍ୟବାନ୍ ଗଛ କାଟି ଦେଇଛନ୍ତି। ସେମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଗିରଫ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି।

## ବାଲ୍ୟ ବିବାହ ରୋକିଲା ପ୍ରଶାସନ

**ଆସିକା,୧୭(ଡି.ଏନ.ଏ.)**

ଆସିକା ବ୍ଲକ ବାବନପୁର ଗ୍ରାମରେ ହେବାକୁ ଥିବା ଏକ ବାଲ୍ୟ ବିବାହକୁ ଗୁରୁବାର ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି । ୧୪ ବର୍ଷିୟା ଏହି ନାବାଳିକାଙ୍କ ସହ ଧରାକୋଟ ବ୍ଲକ ଅଞ୍ଚଳର ଜଣେ ଯୁବକଙ୍କ ସହ ବିବାହ ଶୁକ୍ରବାର ହେବାର ଥିଲା । ଏ ସମ୍ପର୍କରେ ସୂଚନା ପାଇ ସିଡିପିଓ ଭାରତୀ ମହାପାତ୍ର, ସରପଞ୍ଚ ଓ ଅନ୍ୟମାନଙ୍କ ସହାୟତାରେ ସଂପୃକ୍ତ ପରିବାରକୁ ମିଶି ଆଇନଗତ ବିଧିବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇ ବିବାହ ବନ୍ଦ କରିଛନ୍ତି।

## ଜିଲାପାଳଙ୍କ ଉନ୍ନୟନ କାର୍ଯ୍ୟ ସମୀକ୍ଷା



ବିଜୟ ହାଇସ୍କୁଲ ପରିସରରେ ଜିଲାପାଳ ବୃନ୍ଦା ଡି. ।

**ରାଇକିଆ,୧୭(ଡି.ଏନ୍.ଏ.)**

କନ୍ଧମାଳ ଜିଲାପାଳ ବୃନ୍ଦା ଡି. ଗୁରୁବାର ରାଇକିଆ ବ୍ଲକ ଗସ୍ତ କରି ବିଭିନ୍ନ ଉନ୍ନୟମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ବିଶେଷକରି ୫–ଟି ଅନ୍ତର୍ଭୁକ୍ତ ହୋଇଥିବା ରାଇକିଆ ବିଜୟ ହାଇସ୍କୁଲର ସ୍ମାର୍ଟ କ୍ଲାସ ରୁମ୍, ସାଇନ୍ସ ଲ୍ୟାବ, ଆଇଟି ଲ୍ୟାବ ପାଇଁ ଚାଲୁଥିବା ବିଭିନ୍ନ କାର୍ଯ୍ୟ, ନିର୍ମାଣାଧୀନ ଥିବା ଶିଶୁ ଉଦ୍ୟାନ, ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନବ ନିର୍ମିତ ଲାଇବ୍ରେରୀ ରୁମକୁ ବୁଲି ଦେଖିଥିଲେ। ଏଥିସହ ଜିଲାପାଳ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟର ମଧ ସମୀକ୍ଷା କରିଥିଲେ। ବିଡିଓ ପ୍ରବୀଣ କୁମାର ବାଣୁଆଙ୍କ ସମେତ ସହକାରୀ ଯନ୍ତ୍ରୀ, ବିଭିନ୍ନ ବିଭାଗର ଅଧିକାରୀ, ବିଜୟ ହାଇସ୍କୁଲ ଷ୍ଟାଫ ଉପସ୍ଥିତ ଥିଲେ।

# ପାରଳା ମହାରାଜାଙ୍କୁ ଅସମ୍ମାନ, ଥାନାରେ ଅଭିଯୋଗ




ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି ।

**ପାରଳାଖେମୁଣ୍ଡି,୧୭ (ଡି.ଏନ୍.ଏ.):** ଓଡିଶା ପ୍ରଦେଶ ଗଠନର ଅନ୍ୟତମ ବିଧାଣୀ ପାରଳା ମହାରାଜା ସ୍ୱର୍ଗତ କୃଷ୍ଣଚନ୍ଦ୍ର ଗଜପତି ଦେବଙ୍କ ପ୍ରତି ଅସମ୍ମାନସୂଚକ ଲେଖା ଜୟପୁର ରାଜବଂଶାଳୀ ପୁସ୍ତକର ୩୩୨ ପୃଷ୍ଠାରେ ପ୍ରକାଶ ପାଇଛି। ଉତ୍କଳ ହିତୈଷଣୀ ସମାଜ ତରଫରୁ ଏହାର ଦୃଢ ପ୍ରତିବାଦ କରାଯିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ପାରଳାଖେମୁଣ୍ଡି ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଗୁରୁବାର ପାରଳାଖେମୁଣ୍ଡି ଉତ୍କଳ ହିତୈଷିଣୀ ସମାଜ ସଭାଗୃହ ଠାରେ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଯୁଗ୍ମ ସମ୍ପାଦକ ବିନୋଦ ଚନ୍ଦ୍ର ଜେନା ଓ କାର୍ଯ୍ୟକାରୀ ସଭାପତି ଭରତଭୂଷଣ ମହାନ୍ତି ଉଦବେଗ ପ୍ରକାଶ କରି କହିଛନ୍ତି, କୋରାପୁଟ ଜିଲା ଜୟପୁରର ଦୁଇ ଜଣ ବ୍ୟକ୍ତି ରାଜବଂଶାଳୀ ପୁସ୍ତକରେ ଦର୍ଶାଇଛନ୍ତି ଯେ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଚକ୍ରାନ୍ତ ଯୋଗୁ ୧୯୩୬ ଏପ୍ରିଲ ୧ ତାରିଖରେ ଓଡିଶା ଭାଷା ଭାଷି ଅଞ୍ଚଳର ଅଧାଅଂଶ ମାଡ୍ରାସ ପ୍ରେସିଡେନ୍ସୀର ଆନ୍ଧ୍ର ଅଞ୍ଚଳରେ ମିଶାଇ ଦେଇ ଓଡିଆଙ୍କୁ ଦୁଇ ଭାଗ କରି ସୀମାରେଖା ଟାଣିଛନ୍ତି । ଓଡିଶାର ଅଧେ ଆନ୍ଧ୍ରରେ ସାମିଲ କରିଛନ୍ତି। ଏପରି ଅସମ୍ମାନଜନକ ମନ୍ତବ୍ୟ ଦ୍ୱାରା ସର୍ବସାଧାରଣରେ ବିଭ୍ରାନ୍ତି ସୃଷ୍ଟି କରାଯାଉଛି। ୨ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ସମ୍ପୃକ୍ତ ପୁସ୍ତକର ବିକ୍ରୟ ଓ ବଣ୍ଟନକୁ ତୁରନ୍ତ ବନ୍ଦ କରାଯାଉ ବୋଲି ଦାବି ହୋଇଛି। ଏହି ଅଭିଯୋଗ ପତ୍ରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଗଜପତି ଜିଲାପାଳଙ୍କୁ ମଧ ପ୍ରଦାନ କରାଯାଇଛି ।

## ମହିଳାଙ୍କ ଆତ୍ମହତ୍ୟା, ସ୍ୱାମୀ ଅଟକ

**ବ୍ରହ୍ମପୁର ଅଫିସ,୧୭**

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୋଲି ଇନ୍ଦିରା ନଗରରେ ଜନୈକା ମହିଳା ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଜାନକୀ ମହାନ୍ତି । ଗୁରୁବାର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଜାନକୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ସହ ଯୌନ ନିର୍ଯାତନା ଦେବାରୁ ସେ ଆତ୍ମହତ୍ୟା କରିଥିବା ଭାଇ ସୁନୀଲ ନାହକ ଅଭିଯୋଗ କରିଛନ୍ତି। ବୁଧବାର ସନ୍ଧ୍ୟାରେ କୌଣସି ଏକ କାରଣକୁ କେନ୍ଦ୍ର କରି ଜାନକୀ ଘରେ ନିଜ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଖବର ପାଇ ତାଙ୍କ ବାପା କଳ୍ପତରୁ ନାହକ ଓ ଭାଇ ସୁନୀଲ ସେଠାରେ ପହଞ୍ଚି ଝିଅ ଜାନକୀ ବଞ୍ଚିଥିବା ଭାବି ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଶ୍ୱଶୁର ଘର ଲୋକଙ୍କ ନିର୍ଯାତନା ଯୋଗୁ ଭଉଣୀ ଆତ୍ମହତ୍ୟା କରିଥିବା ନେଇ ସୁନୀଲ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୫୮/୨୧ରେ ମାମଲା ରୁଜୁ କରିଛି। ମୃତ ମହିଳାଙ୍କ ସ୍ୱାମୀ ଗଣେଶ ମହାନ୍ତିଙ୍କୁ ଥାନାରେ ଅଟକ ରଖାଯାଇଛି।

# ୩୧ କୁଇଣ୍ଟାଲ ଗଞ୍ଜେଇ, ପ୍ୟାକିଂ ମେଶିନ ଜବତ

## ଅଭିଯୁକ୍ତ ଘର ମାଲିକ ଗଲେ ଜେଲ

**ଦିଗପହଣ୍ଡି,୧୭(ଡି.ଏନ.ଏ.)**

ପାଟପୁର ପୋଲିସ ସାନଖେମୁଣ୍ଡି ବ୍ଲକ ଟି.ଗୋବିନ୍ଦପୁର ପଞ୍ଚାୟତ ତପ୍ତପାଣି ନିକଟ ଖପରାଗଣ୍ଡ ଗ୍ରାମର ସନ୍ତୋଷ ମଲ୍ଲିକଙ୍କ ଘରେ ଚଢ଼ାଉ କରି ୩୧ କୁଇଣ୍ଟାଲ ୫୭ କେଜି ଗଞ୍ଜେଇ ଜବତ କରିଛି। ଘରୁ ଗଞ୍ଜେଇ ପ୍ୟାକିଂ ମେଶିନ ମଧ୍ୟ ଜବତ କରାଯାଇଛି। ଅଭିଯୁକ୍ତ ଘରମାଲିକ ସନ୍ତୋଷଙ୍କୁ ପୋଲିସ ଗିରଫ କରିଥିବା ଗୁରୁବାର ପାଟପୁର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆସିକା ଏସଡିପିଓ ଉମାଶଙ୍କର ସିଂ ଏହି ସୂଚନା ଦେଇଛନ୍ତି।

ସନ୍ତୋଷ ଦୀର୍ଘଦିନ ହେଲା ଗଞ୍ଜେଇ ଚୋରାଚାଲାଣ କରୁଥିଲେ। ଗଜପତି ଓ କନ୍ଧମାଳ ଜିଲାରୁ ଗଞ୍ଜେଇ ଆଣି ଘରେ ସ୍ଥଗିତ ରଖି ରାଜ୍ୟ ତଥା ରାଜ୍ୟ ବାହାରର ବ୍ୟବସାୟୀମାନଙ୍କୁ ରାତାରାତି ଚୋରାଚାଲାଣ କରୁଥିଲେ ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ସନ୍ତୋଷ ଘରେ ରଖିଥିବା ବିପୁଳ ପରିମାଣର ଗଞ୍ଜେଇକୁ ୮୧ ଗୋଟି ଜରିବସ୍ତା ସାହାଯ୍ୟରେ ପ୍ୟାକିଙ୍ଗ କରି ରାଜ୍ୟ ବାହାରକୁ ପଠାଇବା ନିମନ୍ତେ ପ୍ରସ୍ତୁତ ହେଉଥିବା ବିଶେଷ ସୂତ୍ରରୁ ପାଟପୁର ପୋଲିସକୁ ଖବର ମିଳିଥିଲା। ବୁଧବାର ସାନଖେମୁଣ୍ଡି ତହସିଲଦାର ଡ.ଶ୍ରୀନିବାସ ବେହେରାଙ୍କ ଉପସ୍ଥିତିରେ ପାଟପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ, ଏସ୍‌ଆଇ ଟୁନା ପିଡିକା ଓ ପୋଲିସ କର୍ମଚାରୀମାନେ ଅଭିଯୁକ୍ତଙ୍କ ଘର ଉପରେ ଅତର୍କିତ ଚଢ଼ାଉ କରି ଗଞ୍ଜେଇ ବସ୍ତାଗୁଡ଼ିକୁ ଜବତ କରିବା ସହ ସନ୍ତୋଷଙ୍କୁ ଗିରଫ କରିଥିଲେ। ଏ ନେଇ ନଂ ୨୧୩/୨୧ରେ ମାମଲା ରୁଜୁ ହୋଇଛି।



ଜବତ ଗଞ୍ଜେଇ ସହ ୨ ପୋଲିସ ଅଧିକାରୀ।

